# ଆଦିବାସୀ ମେଳାର ଷଷ୍ଠ ସଂଧ୍ୟା : ୩୧.୦୧.୨୦୧୦

ଆଜି ଥିଲା ରାଜ୍ୟସ୍ତରୀୟ ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବର ଷଷ୍ଠ ସଂଧ୍ୟା । ଏହି ସଂଧ୍ୟାରେ ସମ୍ମାନିତ ଅତିଥି ହିସାବରେ ଓଡ଼ିଶାର ମାନ୍ୟବର ଅର୍ଥ ଓ ଅବକାରୀ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦାନ କରିଥିଲେ। ସାନ୍ଧ୍ୟ ଅଧିବେଶନ ଆରମ୍ଭରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ସଦସ୍ୟ ସଚିବ ତଥା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଅଖିଳ ବିହାରୀ ଓତା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଆଦିବାସୀ ମେଳାର ମହତ୍ତ୍ୱକୁ ଜନମାନସରେ ପହଞ୍ଚାଇ ଏହାକୁ ଗଣମେଳାର ରୂପ ଦେବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ଏହାପରେ ସମ୍ମାନିତ ଅତିଥି ମାନ୍ୟବର ଅର୍ଥ ଓ ଅବକାରୀ ମନ୍ତ୍ରୀ ଶ୍ରୀଯୁକ୍ତ ଘଡ଼ାଇ ତାଙ୍କ ମନ୍ତବ୍ୟ ଉପସ୍ଥାପନ ପ୍ରସଂଗରେ ନିମ୍ନ ବିଷୟ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ।

* ବିଗତବର୍ଷ ମାନଙ୍କରେ ଅନୁଷ୍ଠିତ ଉତ୍ସବଠାରୁ ଚଳିତ ବର୍ଷର ଉତ୍ସବ ବହୁଗୁଣରେ ଆକର୍ଷଣୀୟ ହୋଇଛି । ସମଗ୍ର ରାଜଧାନୀରେ ଆଦିବାସୀ ମେଳା ଏକ ସର୍ବବୃହତ୍ ମେଳା ହିସାବରେ ଚର୍ଚ୍ଚିତ । ଜନଜାତି ସମାଜର ଚିତ୍ରକଳା, ହସ୍ତଶିଳ୍ପ ଓ ଲୋକ ସଂସ୍କୃତି ଏଠାରେ ପ୍ରଦର୍ଶିତ ହୋଇ ଦର୍ଶକମାନଙ୍କୁ ଆକର୍ଷିତ କରିବାରେ ସକ୍ଷମ ହୋଇଥିବାର ସେ ପ୍ରକାଶ କରିଥିଲେ ।

* ଆଦିବାସୀ, ଓଡ଼ିଶାର ପ୍ରକୃତ ପରିଚୟ । ତେଣୁ ଆଦିବାସୀଙ୍କ ବିକାଶ ସାଧନ ଓଡ଼ିଶାର ମୁଖ୍ୟ ଧ୍ୟେୟ ଏବଂ ବିକାଶ ନିମନ୍ତେ ସଂକଳ୍ପବଦ୍ଧ ହେବା ନିହାତି ଆବଶ୍ୟକ । ଜନଜାତି ବାଳିକା ଶିକ୍ଷାର ବିକାଶ ନିମନ୍ତେ ଛାତ୍ରାବାସ ନିର୍ମାଣ, ଆଦିବାସୀମାନଙ୍କୁ ଜମିପଟ୍ଟା ପ୍ରଦାନ ତଥା ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠାଇ ମୁଖ୍ୟ ସ୍ରୋତରେ ସାମିଲ କରିବାର ସଂକଳ୍ପକୁ ସାକାର କରିବା ପାଇଁ ସମସ୍ତଙ୍କ ସହଯୋଗ ଅପରିହାର୍ଯ୍ୟ ବୋଲି ସେ ପ୍ରକାଶ କରିଥିଲେ ।

ସଭା ସାଙ୍ଗ ପରେ ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଥମେ ଆଇ.ଟି.ଡି.ଏ., ବଣେଇ ଦ୍ୱାରା ପ୍ରାୟୋଜିତ ମୁଣ୍ଡାରି ନୃତ୍ୟ ପରିବେଷଣ କରାଯାଇଥିଲା, ମୁଣ୍ଡାରିମାନଙ୍କ ଫସଲ ଅମଳ ଉପରାନ୍ତ ନୃତ୍ୟ ବେଶ ମନୋଲୋଭା ଏବଂ ଏହି ନୃତ୍ୟରେ ସନିକଟ ଝାଡଖଣ୍ଡରେ ବସବାସ କରୁଥିବା ସଂଖ୍ୟାଗରିଷ୍ଠ ମୁଣ୍ଡାମାନଙ୍କର ନୃତ୍ୟର ଛାପ ବେଶ ଆକର୍ଷଣୀୟ ହୋଇପାରିଥିଲା ।

ଆଇ.ଟି.ଡି.ଏ., ସୁନ୍ଦରଗଡ଼ ଦ୍ୱାରା ପ୍ରାୟୋଜିତ ଓରାଓମାନଙ୍କ କାରାମ ନୃତ୍ୟ ପରିବେଷଣରେ ଓରାଓଁମାନଙ୍କର ନୃତ୍ୟ ଶୈଳୀ ଖୁବ୍ ଚିତାକର୍ଷକ ହୋଇଥିଲା । ଏହାପରେ ଆଇ.ଟି.ଡ଼ି.ଏ., କାପ୍ତିପଦା ଦ୍ୱାରା ପ୍ରାୟୋଜିତ ବାଥୁଡ଼ି ସଂପ୍ରଦାୟର ଋଙ୍ଗୁ ନୃତ୍ୟ ଓ ସାନ୍ତାଳମାନଙ୍କର ଡାଣ୍ଟା ନୃତ୍ୟ ଭରପୁର ଦର୍ଶକଙ୍କୁ ଆନନ୍ଦ ଦେଇଥିଲା ।

ଚଳିତ ଆଦିବାସୀ ମେଳାର ଆଜି ଲକ୍ଷାଧିକ ଦର୍ଶକଙ୍କ ସମାଗମରେ ଆଦିବାସୀ ମେଳା ଆହୁରି ସରଗରମ ହୋଇଥିଲା ।

କିସ୍ ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଭିନ୍ନ ଭିନ୍ନ ସ୍ଥାନରେ ପରିବେଷିତ ଆଦିବାସୀ ନୃତ୍ୟ ଓ ଲୋକନୃତ୍ୟ ଦେଖିବାର ମଉଜ ଦର୍ଶକମାନେ ମନଭରି ଉଠାଇଥିଲେ । ଜନଜାତି ଖାଦ୍ୟ ପିଣ୍ଡିରେ ପ୍ରସ୍ତୁତ ସୁସ୍ୱାଦୁ ବ୍ୟଞ୍ଜନର ମଜା ନେବାର ଅବସର ଦର୍ଶକମାନେ ନେଇଥିଲେ ।